# "ବ୍ୟାପକ ଆର୍ଥିକ ଯୋଜନା" କାର୍ଯ୍ୟପଦ୍ଧତି

**ପ୍ରଥମ ସୋପାନ-**

ନିବେଶକ ଓ ଆର୍ଥିକ ଯୋଜନାକାରୀଙ୍କ ମଧ୍ୟରେ କ'ଣ କାମ ହେବ, କିପରି ଆର୍ଥିକ ଯୋଜନା ପ୍ରସ୍ତୁତ କରାଯିବ, ନିବେଶକାରୀ କ'ଣ ସବୁ ତଥ୍ୟ ପ୍ରଦାନ କରିବେ ଏବଂ ନିବେଶକାରୀ କ'ଣ ସବୁ କାମ କରିବେ – ଏସବୁ ବିଷୟରେ ଆଲୋଚନା କରାଯିବ ।

ସବୁଠାରୁ ମୁଖ୍ୟ କଥା ହେଉଛି - ନିବେଶକାରୀଙ୍କର କ'ଣ ସବୁ କାମ କରିବା ଦରକାର ଓ ଆର୍ଥିକ ଯୋଜନାକାରୀଙ୍କର କ'ଣ ସବୁ କାମ କରିବେ ଏହା ବୁଝିବା ନିହାତି ଆବଶ୍ୟକ । ଏହି ସୋପାନରେ ଯଦି "ବ୍ୟାପକ ଆର୍ଥିକ ଯୋଜନା" କରିବାକୁ ଇଚ୍ଛା କରନ୍ତି ତେବେ ଏହି 'କାମ କରିବା ପାଇଁ ନିଯୁକ୍ତି ପତ୍ର'ରେ ନିବେଶକାରୀ ଓ ଆର୍ଥିକ ଯୋଜନାକାରୀ ସ୍ୱାକ୍ଷର କରିବେ ।

**ଦ୍ୱିତୀୟ ସୋପାନ-**

ନିବେଶକ ଯେଉଁ ଆର୍ଥିକ ଲକ୍ଷ୍ୟସବୁ ହାସଲ କରିବାକୁ ଚାହୁଁଛନ୍ତି ତାହା ସହିତ ଜଡିତ ସମସ୍ତ ତଥ୍ୟ ସଂଗ୍ରହ କରାଯିବ । ଆର୍ଥିକ ଲକ୍ଷ୍ୟସବୁ ପ୍ରାଥମିକତା ହିସାବରେ ସ୍ଥିର କରାଯିବ । ଆୟବ୍ୟୟର ହିସାବ, ନଗଦ-ମୁଦ୍ରା ପ୍ରବାହ, ବଜେଟ୍, ସଂଚୟ ହିସାବ, ଆୟକର ପ୍ରଭାବ, ଅବସରକାଳୀନ ପାଣ୍ଠି, ନିବେଶ ଓ ସ୍କିମସବୁ, ଜୀବନ ବୀମା, କିଛି ଜଟିଳ ସମସ୍ୟା, ସ୍ୱାସ୍ଥବୀମା, ରିସ୍କ ପ୍ରୋଫାଇଲ, ଇତ୍ୟାଦି ଅନେକ ତଥ୍ୟସବୁ ସଂଗ୍ରହ କରାଯାଏ । ଏଥିପାଇଁ ୨.୫ – ୩ ଘଣ୍ଟାର ଏକ ଆଲୋଚନା କରାଯିବ ।

**ତୃତୀୟ ସୋପାନ-**

ନିବେଶକଙ୍କ ଏବେକାର ଆର୍ଥିକ ପରିସ୍ଥିତି ବା ଅବସ୍ଥା ସହିତ ସଂଗ୍ରହ କରାଯାଇଥିବା ତଥ୍ୟସବୁ ବିଶ୍ଳେଷଣ କରିବା ସହିତ ଏହାର ମୂଲ୍ୟ ନିର୍ଦ୍ଧାରଣ କରାଯାଏ ।

**ଚତୁର୍ଥ ସୋପାନ-**

ଏହି ସୋପାନରେ ନିବେଶକଙ୍କ ଏବେକାର ଆର୍ଥିକ ପରିସ୍ଥିତି ବା ଅବସ୍ଥା ବିଷୟରେ ବିଶ୍ଳେଷଣ କରାଯାଇ ୬୦-୭୦ ପୃଷ୍ଠାର ଏକ ଲିଖିତ "ବ୍ୟାପକ ଆର୍ଥିକ ଯୋଜନା" ପ୍ରସ୍ତୁତ କରାଯାଏ । ଏ ସମସ୍ତ କାର୍ଯ୍ୟ ଏକାଧିକ ତଥ୍ୟସବୁକୁ ବିଶ୍ଳେଷଣ ଓ ଆଧାର କରି ପ୍ରସ୍ତୁତ କରାଯାଏ । ଏହି "ବ୍ୟାପକ ଆର୍ଥିକ ଯୋଜନା" ପ୍ରସ୍ତୁତ କରିବା ପାଇଁ ଆର୍ଥିକ ଯୋଜନାକାରୀଙ୍କୁ ସର୍ବନିମ୍ନ ୨୫ – ୩୦ ଘଣ୍ଟା ସମୟ ଲାଗିଥାଏ ।

**ପଂଚମ ସୋପାନ-**

ଲିଖିତ "ବ୍ୟାପକ ଆର୍ଥିକ ଯୋଜନା" ବିଷୟରେ ୪-୫ ଘଣ୍ଟାର ଏକ ଆଲୋଚନ ପରେ ସୁପାରିଶ କରାଯାଇଥିବା ନିବେଶ ପୋର୍ଟଫୋଲିଓ ବା ସ୍କିମ ଏକମତ ହେବା ପରେ ନିବେଶ କରାଯାଏ ।

**ଷଷ୍ଠ ସୋପାନ -**

"ବ୍ୟାପକ ଆର୍ଥିକ ଯୋଜନା" ଅନ୍ତର୍ଗତ ଯେଉଁ ନିବେଶ ପୋର୍ଟଫୋଲିଓ ବା ସ୍କିମରେ ନିବେଶ କରିବା ପାଇଁ ପରାମର୍ଶ ଦିଆଯାଇଥାଏ ତାହାର ଫଳାଫଳକୁ ନିୟମିତ ବ୍ୟବଧାନରେ ସମୀକ୍ଷା କରାଯାଏ ଏବଂ ଆବଶ୍ୟକତା ଅନୁଯାୟୀ ନିବେଶ ପୋର୍ଟଫୋଲିଓ ଅଦଳବଦଳ କରାଯାଏ । ନିବେଶକଙ୍କ ଜୀବନଶୈଳୀ, ଜୀବନର ସୋପାନ ଓ ଆର୍ଥିକ ଅବସ୍ଥା ଅନୁଯାୟୀ ମଧ ସମୀକ୍ଷା କରାଯାଏ । ପ୍ରତି ବର୍ଷ ସର୍ବନିମ୍ନ ୧ ଘଣ୍ଟାର ସମୀକ୍ଷା ନିହାତି ଜରୁରୀ ।

**ରୂପ୍‌କୁମାର ପ୍ରଧାନ, ସାର୍ଟିଫାଏଡ୍ ଫାଇନାନସିଆଲ ପ୍ଲାନର, ଚାର୍ଟାର୍ଡ୍ ୱେଲଥ୍ ମ୍ୟାନେଜର**
ସ୍ମାର୍ଟଫିନ୍ ୱେଲଥ୍ ମ୍ୟାନେଜମେଣ୍ଟ ପ୍ରା. ଲି., ଭୁବନେଶ୍ୱର-୧୪, ଓଡିଶା
ଦୂରଭାଷା – ୦୬୭୪- ୨୪୩୦୯୫୦, ୯୯୩୭୦୧୬୫୩୯ / ୮୯୧୭୨୨୨୧୦୮